# Akashvani, Sambalpur

## SAMBALPURI NEWS BULLETIN

### 3 May 2025- 6.47- 6.52 am.

*********************************************

ୱେଭ୍ସ୍-୨୦୨୫ ପି.ଆଇ.ବି.

ମୁମ୍ବାଇର୍ ଜିଓ ୱାର୍ଲ୍ଡ କନ୍‌ଭେନ୍ସନ୍ ସେଂଟର୍ ନ ଚାଲିଥିବା ବିଶ୍ୱ ଦୃଶ୍ୟଶ୍ରାବ୍ୟ ମନୋରଞ୍ଜନ୍ ଶିଖର୍ ସମ୍ମିଳନୀ - ୱେଭ୍ସ୍-୨୦୨୫ ଥି ଆଏଜ୍ ୩ ନମ୍ବର୍ ଦିନେ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟ ତର୍ଫୁ ୨୦୨୪-୨୫ ବଛରର ଗଣମାଧ୍ୟମ୍ ଆଉ ମନୋରଞ୍ଜନ୍ କ୍ଷେତ୍ରର୍ ପରିସଂଖ୍ୟାନ ତଥ୍ୟ ବାହାର୍‌ବା । ଗଲାକାଏଲ୍ ସମ୍ମିଳନୀଥି ୱେଭ୍ସ୍ ଘୋଷନାନାମା ଗୃହୀତ୍ ହେଇଛେ । ସଦସ୍ୟ ଦେଶ୍‌ମାନେ ଐତିହ୍ୟ ଆଉ ପରମ୍ପରାର୍ ପ୍ରଚାର୍ ପ୍ରସାର୍ ଦିଗେ ସହଯୋଗ୍ କର୍‌ବାର୍‌କେ ସହମତ୍ ହେଇଛନ୍ । ଭୁଲ୍ ସୂଚନା ପ୍ରସାରଣ୍ ଆଉ ମନ୍‌ଗଢ଼ା କାହାନୀର୍ ପ୍ରସାରଣ୍‌କେ ରୁକ୍‌ବାର୍, ଗଣମାଧ୍ୟମ୍‌ର ଅଖଣ୍ଡତା ଆଉ ତଥ୍ୟ ଆଧାରିତ୍ ସାମ୍ବାଦିକତା, ଦାୟିତ୍ୱପୂର୍ଣ୍ଣ ବିଜ୍ଞାପନ୍‌କେ ତହଁକାବାର୍ ଲାଗି ସବୁ ଦେଶ୍ ରାଜି ହେଇଛନ୍ । ସେନ୍ତା 'ରେଡ଼ିଓ ପୁନଃକଳ୍ପିତ-ଡିଜିଟାଲ୍ ଯୁଗରେ ସମୃଦ୍ଧ' ଶୀର୍ଷକଥି ଗୁଟେ ଆଲୋଚନାଚକ୍ର ହେଇଥିଲା । ଆଲୋଚନାଚକ୍ରଥି ପ୍ରସାର୍ ଭାର୍‌ତୀର ଆଘର୍ ମୁଖ୍ୟ କାର୍ଯ୍ୟନିର୍ବାହୀ

ଅଧିକାରୀ ଶଶୀଶେଖର୍ ଭେମ୍ପତି ଯୋଗ୍ ଦେଇକରି ଭାରତ୍ ରେଡ଼ିଓର ସବୁନୁ ବଡ଼ ବଜାର୍ ବଲି କହିଛନ୍ ।

ରାଜ୍ୟପାଲ୍ ସମୀକ୍ଷା ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ଗଲାକାଏଲ୍ ରାଜ୍ଭବନ୍ ଠାନେ ପେସା ଆକ୍ଟ, ଜଙ୍ଗଲ୍ ଅଧିକାର୍ ଆଇନ୍, ଅନୁସୂଚିତ ଜାତି ଆଉ ଜନଜାତି ଉନ୍ନୟନ୍, ସଂଖ୍ୟାଲଘୁ ଆଉ ପଛୁଆବର୍ଗ କଲ୍ୟାଣ୍ ବିଭାଗ୍ର କାମ୍ ବାବ୍ଦେ ସମୀକ୍ଷା କରିଛନ୍ । ବିଭାଗ୍ ଅନ୍ତର୍ଗତ୍ ଯୋଜ୍ନା ମାନ୍କର୍ ସଫଲ୍ ତଦାରଖ୍ ଆର୍ କାମ୍କେ ନେଇକରି ମୁଖ୍ୟମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଉଚ୍ଚାଦର୍ଜାର୍ ଟାସ୍କଫୋର୍ସ ଗଠନ୍ କର୍ବାର୍ ଲାଗି ରାଜ୍ୟପାଲ୍ ଇ ଅବ୍ସରେ ପରାମର୍ଶ ଦେଇଛନ୍ । ବୈଠକ୍ଥି ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ୍ ଥିଲେ ।

ସିଙ୍ଗିଲ୍ ୱିଣ୍ଡୋ ବୈଠକ୍ I&PR

ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ଠାନେ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଶହେ ୩୬ ନମ୍ବର୍ ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ୍ଥି ପାଖାପାଖି ୩ ହଜାର୍ ୯ ଶହ କୋଟି

ଟଙ୍କାର୍ ୧୯ ଟା ଶିଳ୍ପ ପ୍ରସ୍ତାବ୍‌କେ ମଞ୍ଜୁର୍ କରାଯାଇଛେ । ମଞ୍ଜୁର୍ ହେଇଥିବା ପ୍ରକଳ୍ପ ଭିତ୍‌ରେ ସୁନ୍ଦରଗଡ଼୍ ନ ରେଲ୍ ଯନ୍ତ୍ରପାତି କାର୍‌ଖାନା ଥାପ୍‌ନା, ଖୋର୍ଦ୍ଧା ନ ନୂଆଁ ଲଜିଷ୍ଟିକ୍ ପାର୍କ ଆର୍ ପର୍ଯ୍ୟଟନ୍‌ର ବିକାଶ୍ ଲାଗି ୬ ଟା ନୂଆଁ ପ୍ରକଳ୍ପ ସାମିଲ୍ ଅଛେ । ଇ ପ୍ରକଳ୍ପ ମାନେ କାର୍ଯ୍ୟକାରୀ ହେଲେ ରାଏଜେ ପାଖାପାଖି ସାଢ଼େ ୭ ହଜାର୍ ଲୋକ୍ ନିଯୁକ୍ତି ପାଏବେ ।

ଡେମ୍ ସୁରକ୍ଷା-ବିଶ୍ୱବେଙ୍କ୍ ଟିମ୍ I&PR

ରାଏଜେ ଡେମ୍ ମାନ୍‌କର୍ ସୁରକ୍ଷା ଆଉ ଭବିଷ୍ୟତ୍ ରଣନୀତି ତିଆରି ବାବ୍‌ଦେ ଉନ୍ନୟନ୍ କମିଶନର୍ ଆଉ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଆର୍ ବିଶ୍ୱ ବେଙ୍କ୍‌ର ଗୁଟେ ଦଲ୍ ଭିତ୍‌ରେ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ବିଶ୍ୱବେଙ୍କ୍ ସାହାଜଥି ଡେମ୍ ପୁର୍ନବାସ ଆର୍ ଉନ୍ନତି ପ୍ରକଳ୍ପ-ଡ୍ରିପ୍ ଅଧୀନ୍‌ଥି ରାଏଜେ ଚାଲିଥିବା କାମ୍ ମାନ୍‌କର୍ ସମୀକ୍ଷା କରାଯାଇଥିଲା । ରାଜ୍ୟ ସର୍‌କାର୍‌ଙ୍କର୍ ଡ୍ରିପ୍ -୧ ଆର୍ ୨ ର କାମ୍‌କେ ଦେଖିକରି ବିଶ୍ୱ ବେଙ୍କ୍ ଟିମ୍ ପ୍ରଶଂସା କର୍‌ବାର୍ ସହେତେ ଆଏବା ଖେପେ ଡ୍ରିପ୍-୩ ଥି ହୀରାକୁଦ୍ ଡେମ୍ ନ ଅତିରିକ୍ତ ସ୍ପିଲ୍‌ୱେ ତିଆର୍ ଆର୍ ସ୍ୱୟଂଚାଲିତ୍ ଫାଟକ୍ ପ୍ରକଳ୍ପ କରାଯିବାର୍ ବାବ୍‌ଦେ ଆଲୋଚନା କରିଥିଲେ । ସେନ୍ତା ରାଜ୍ୟର୍ ୨୫ ଟା ଡେମ୍ ଲାଗି ଜରୁରୀ ଏକ୍ସନ୍ ପ୍ଲାନ୍

ତିଆର୍ କର୍‌ବାର୍‌ଥି ରାଜ୍ୟ ସର୍‌କାର୍‌ଙ୍କର୍ ପଦକ୍ଷେପ୍‌କେ ଭିଲ୍ ବିଶ୍ୱବେଙ୍କ୍ ଟିମ୍ ପ୍ରଶଂସା କରିଛନ୍ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି I&PR

ରାଏଜେ ବଢ଼ତି ଖରାକେ ନଜର୍‌ଥି ରଖିକରି ଆଏବା ୫ ତାରିଖ୍ ସୋମ୍‌ବାର୍ ଦିନ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ବନ୍ଦ ରହେବା । ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମେଟ୍ରିକ୍ ପରୀକ୍ଷା I&PR

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ମେଟ୍ରିକ୍ ପରୀକ୍ଷା-୨୦୨୫ ର ଫଲାଫଲ୍ ଗଲାକାଏଲ୍ ବାହାରିଛେ । ଇ ବଛର୍ ପାସ୍ ହାର ୯୪ ଦଶ୍‌ମିକ୍ ୯/୩ ପ୍ରତିଶତ୍ ରହିଛେ ।  ଇଥର ୫ ଲାଖ୍ ୨ ହଜାର୍ ୪ ଶହ ୧୭ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲା ବେଲ୍‌କେ ସେଥିର୍‌ଭିତ୍‌ରୁ ୪ ଲାଖ୍ ୮୪ ହଜାର୍ ୫ ଶହ ୫୭ ଝନ୍ ପାସ୍ କରିଛନ୍ ।  ସେନ୍ତା ୧ ହଜାର୍ ୮ ଶହ ୧୨ ଝନ୍ ଛାତ୍ରଛାତ୍ରୀ ଏ ଓ୍ୱାନ୍ ଗ୍ରେଡ୍ ପାଇଛନ୍ ।

ଛାତ୍ରଛାତ୍ରୀମାନେ ଉତର୍‌ଖାତାର ଫେର୍‌ଘାଏ ଯାଂଚ୍, ଆଉଥରେ ମାର୍କା ମିଶା ପ୍ରକ୍ରିୟା ଆର୍ ଉତର୍‌ଖାତାର୍ ନକଲ୍ ପାଏବାର୍ ଲାଗି ଆଏଜ୍‌ଠାନୁ ବୋର୍ଡ୍ ୱେବ୍‌ସାଇଟ୍‌ଥି ଆବେଦନ୍ କରିପାର୍‌ବେ ।

ଜେଲ୍ ମହାନିର୍ଦ୍ଦେଶକ ଆର୍‌ଏନ୍‌ୟୁ/ ସମ୍ବଲପୁର

ବରିଷ୍ଠ ଆଇପିଏସ୍ ଅଧିକାରୀ ସୁଶାନ୍ତ କୁମାର୍ ନାଥ ଜେଲ୍ ମହାନିର୍ଦ୍ଦେଶକ୍ ଭାବେ ନିଯୁକ୍ତି ପାଇଛନ୍ । କେନ୍ଦ୍ରୀୟ ଡେପୁଟେସନ୍‌ନୁ ଫିର୍‌ଲା ଉତ୍‌ରୁ ତାଙ୍କୁ ଇ ପଦ୍‌ଥି ଅବସ୍ଥାପିତ୍ କରାଯାଇଛେ । ଇ ବାବ୍‌ଦେ ଗୃହ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ ।

ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ୍ । ଗଣତନ୍ତ୍ର ରାଷ୍ଟ୍ର ନ ଖବର୍‌କାଗଜ୍‌ର ସ୍ୱାଧୀନତାକେ ବଜାୟ ରଖିବାର୍ ଲାଗି ମିଲିତ୍ ଜାତିସଂଘର୍ ୟୁନେସ୍କୋ ସଂସ୍ଥା ତର୍‌ଫୁ ୧୯୯୩ ମସିହାନୁ ଫି ବଛର୍ ଇ ଦିବସ୍ ପାଲନ୍ କରାଯାଉଛେ । ନିର୍ଭୀକ ସାମ୍ବାଦିକତା ଲାଗି କଲମ୍ବିଆ ଦେଶର୍ ସାମ୍ବାଦିକ ଗିଲିଏର୍‌ମୋ ଙ୍କୁ ତାଁକର୍ ଖବର୍‌କାଗଜ୍ କାର୍ଯ୍ୟାଳୟ ନ ଅସାମାଜିକ ଲୋକ୍ ମାନେ ମାରିଦେଇଥିଲେ । ତାଁକୁ ମନେ

ପକେଇକରି ୟୁନେସ୍କୋ ତର୍ଫୁ ପ୍ରେସ୍ ସ୍ୱାଧୀନତା ଲାଗି ଭଲ୍ କାମ୍ କରିଥିବା ଲୋକ୍ ଆର୍ ସଂସ୍ଥାକେ - ଗିଲିଏର୍ମୋ ପୁରସ୍କାର୍ ଦିଆଯାଉଛେ । ଇ ବଛର୍ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ୍ର ବାର୍ତା ହେଉଛେ 'ନିର୍ଭୀକ୍ ନୂଆଁ ୟୁଗେ ସାମ୍ବାଦିକତା :ପ୍ରେସ୍ ସ୍ୱାଧୀନତା ଉପ୍ରେ କୃତ୍ରିମ ବୁଦ୍ଧିମତାର୍ ପ୍ରଭାବ୍' ।

ସାବିତ୍ରୀ ବାଇ ଫୁଲେଙ୍କର୍ ଜନ୍ମ ବାର୍ଷିକୀ   ଆର୍ଏନ୍ୟୁ/ ସମ୍ବଲପୁର

ସୁପ୍ରିମ୍କୋର୍ଟ ନ ଜାତୀୟ ଆଇନ୍ ସେବା ପ୍ରାଧିକରଣ୍ ତର୍ଫୁ ସାବିତ୍ରୀ ବାଇ ଫୁଲେଙ୍କର୍ ଜନ୍ମ ବାର୍ଷିକୀ ପାଲନ୍ ଅବ୍ସରେ ଜାତୀୟ ରିଲ୍ ଆର୍ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତା ହେଇଯାଇଛେ । ଇଥି ବର୍ଗଡ୍ ଜିଲ୍ଲା ପାଇକ୍ମାଲ୍ ବ୍ଲକ୍ ଜାମ୍ସେଠ୍ ର ଜାଗୃତି ମାଝୀ ସର୍ବଭାରତୀୟ ସ୍ତର୍ଥି ୨ ନମ୍ବର୍ ଠାନେ ରହିକରି ପୁରସ୍କୃତ ହେଇଛନ୍ । ସୁପ୍ରିମ୍କୋର୍ଟର ମୁଖ୍ୟ ବିଚାର୍ପତି ଜଷ୍ଟିସ୍ ସଞ୍ଜିବ୍ ଖନ୍ନାଙ୍କର୍ନୁ ସେ ଇ ପୁରସ୍କାର୍ ଗ୍ରହଣ୍ କରିଛନ୍ ।